ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

ନୂଆଦିଲ୍ଲୀଠାରେ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ସମ୍ମିଳନୀ ଅନୁଷ୍ଠିତ

## କାମ୍ପା କାର୍ଯ୍ୟକ୍ରମର ସଫଳତା ପାଇଁ ଓଡ଼ିଶା ପ୍ରଶଂସିତ

କେନ୍ଦ୍ର ସରକାରଙ୍କ ତରଫରୁ ଜାତୀୟ କ୍ଷତିପୂରକ ପାଣ୍ଠିରୁ ଓଡ଼ିଶାର ଅଂଶଧନ ବାବଦକୁ ୫୯୩୩.୯୮ କୋଟି ଟଙ୍କାର ଚେକ୍ ପ୍ରଦାନ

ଭୁବନେଶ୍ୱର, ତା.୨୯/୦୮/୨୦୧୯ରିଖ

ଜଙ୍ଗଲ ସୀମା ଏବଂ ଆୟତନ ଦୃଷ୍ଟିରୁ ଓଡ଼ିଶା ଦେଶର ଚତୁର୍ଥ ରାଜ୍ୟ । ବ୍ୟାପକ ବୃକ୍ଷରୋପଣ ଏବଂ ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା ହେତୁ ଓଡ଼ିଶାର ଜଙ୍ଗଲ ଆୟତନ ବୃଦ୍ଧି ପାଇଛି । ଗତ ୨ ବର୍ଷ ମଧ୍ୟରେ ଓଡ଼ିଶାର ଜଙ୍ଗଲ ଅଞ୍ଚଳ ୮୮୫ ବର୍ଗ କିମି ବୃଦ୍ଧି ପାଇଛି । ଓଡ଼ିଶାର ଜଙ୍ଗଲ ଅଞ୍ଚଳର ଅଭିବୃଦ୍ଧି ସହ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା (କାମ୍ପା) ଯୋଜନାର ସଫଳ ରୂପାୟନ କରିଥିବା ହେତୁ କେନ୍ଦ୍ର ସରକାରଙ୍କ ତରଫରୁ ଓଡ଼ିଶାକୁ ପ୍ରଶଂସା କରାଯାଇଛି ।

ଆଜି ପୂର୍ବାହ୍ନରେ ନୂଆଦିଲ୍ଲୀର ପର୍ଯ୍ୟାବରଣ ଭବନଠାରେ ଅନୁଷ୍ଠିତ ରାଜ୍ୟ ଜଙ୍ଗଲ ମନ୍ତ୍ରୀମାନଙ୍କ ସମ୍ମିଳନୀରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭେଡ୍‌କର ଜାତୀୟ କ୍ଷତିପୂରକ ବନୀକରଣ ଜମା ଅର୍ଥରୁ କାମ୍ପା ପାଣ୍ଠି ବିନିଯୋଗ ଉଦ୍ଦେଶ୍ୟରେ ଓଡ଼ିଶାର ଅଂଶଧନ ବାବଦକୁ ୫୯୩୩.୯୮ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଏହି ଅର୍ଥ ପାଇବାରେ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଉଭୟ ୫୧୦୦ କୋଟି ଟଙ୍କା ପାଇଥିବାବେଳେ ଓଡ଼ିଶା ସମଗ୍ର ଦେଶରେ ସର୍ବାଧିକ ୫୯୩୩.୯୮ ଟଙ୍କା ପାଇବା ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ।

ଏହି ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ, କ୍ଷତିପୂରକ ବନୀକରଣ ପାଣ୍ଠି ଆଇନ ୨୦୧୬ ଏବଂ ନିୟମ ୨୦୧୮କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି । କ୍ଷତିପୂରକ ବନୀକରଣ ପାଣ୍ଠି ଉପଯୋଗ ନିମନ୍ତେ ଏକ ସ୍ୱଚ୍ଛ ଆର୍ଥିକ ପ୍ରଣାଳୀ ପ୍ରଣୟନ କରିବାରେ ଓଡ଼ିଶା ସମଗ୍ର ଦେଶରେ ଏକ ଅଗ୍ରଣୀ ରାଜ୍ୟ । କାମ୍ପା ଯୋଜନାରେ ୨୦୦୯-୧୦ଠାରୁ ୨୦୧୭-୧୮ ପର୍ଯ୍ୟନ୍ତ ୯ଟି ବାର୍ଷିକ କାମ୍ପା ଯୋଜନାରେ ଓଡ଼ିଶାକୁ ବିଭିନ୍ନ କିସ୍ତିରେ ସମୁଦାୟ ୨ ହଜାର ୬୪୪ କୋଟି ଟଙ୍କା ପ୍ରାପ୍ତ ହୋଇଛି । ରାଜ୍ୟ ସରକାର ଏହି ଅର୍ଥର ୯୨ ପ୍ରତିଶତ ଅର୍ଥାତ୍ ୨ ହଜାର ୬୦୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଥିଲେ ।

୨୦୧୯-୨୦ ବାର୍ଷିକ କାର୍ଯ୍ୟ ଯୋଜନାରେ କାମ୍ପାରେ ରାଜ୍ୟକୁ ମୁଖ୍ୟତଃ ବନୀକରଣ, ବନ୍ୟଜନ୍ତୁ ପରିଚାଳନା, ଜଙ୍ଗଲ ସୁରକ୍ଷା, ଦକ୍ଷତା ବୃଦ୍ଧି ଏବଂ ଆନୁଷଙ୍ଗିକ ବ୍ୟୟ ବାବଦକୁ ଓଡ଼ିଶା ପାଇଁ ୫୯୨.୫୨ କୋଟି ଟଙ୍କାର ଅନୁଦାନ ପ୍ରଦାନ, ୩୮ କୋଟି ଟଙ୍କା ମୂଲ୍ୟରେ କାମ୍ପା କାପାସିଟି ବିଲଡିଂ ସେଣ୍ଟରର ନିର୍ମାଣକୁ ଅନୁମୋଦନ, କାମ୍ପାରେ ପ୍ରଦାନ କରାଯାଉଥିବା ଅନୁଦାନ ଅର୍ଥର ୨ ପ୍ରତିଶତକୁ ଅତ୍ୟାବଶକୀୟ ପ୍ରଶାସନିକ ବ୍ୟୟ ଭାବେ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିବାକୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ସମ୍ମିଳନୀରେ ଯୁକ୍ତି ଉପସ୍ଥାପନ କରିଛନ୍ତି ।

ଏହି ସମ୍ମିଳନୀରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ମୋନା ଶର୍ମା, ପ୍ରଧାନ ମୁଖ୍ୟ ବନସଂରକ୍ଷକ ଡ. ସଂଦୀପ ତ୍ରିପାଠୀ ଏବଂ ମୁଖ୍ୟ ବନ ସଂରକ୍ଷକ ଉମା ନାନ୍ଦୁରୀ ପ୍ରମୁଖ ଯୋଗ ଦେଇଥିଲେ ।

ସୁଚେତା ପ୍ରିୟଦର୍ଶନୀ
ସୂଚନା ଅଧିକାରୀ